# ସୁବର୍ଣ୍ଣପୁର ପୌରପରିଷଦ, ସୁବର୍ଣ୍ଣପୁର

ନଂ. ୨୮୨୧ **ବିଜ୍ଞାପନ** ତା: ୦୫.୦୭.୨୦୨୧

ପୂର୍ବରୁ ସୁବର୍ଣ୍ଣପୁର ପୌର ପରିଷଦ ଅଂଚଳକୁ ODF ସହର ଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ସୁବର୍ଣ୍ଣପୁର ପୌର ପରିଷଦକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ୍ୟ ମିଳିଥିଲା । ବର୍ତ୍ତମାନ ସୁବର୍ଣ୍ଣପୁର ସହରକୁ ବାହ୍ୟ ମଳ ମୁକ୍ତ ସହରରେ ପରିଣତ କରିବା ଦିଗରେ ସୁବର୍ଣ୍ଣପୁର ପୌର ପରିଷଦ ଆଉଏକ ପାଦ ଆଗକୁ ବଢ଼ିଛି । ସୁବର୍ଣ୍ଣପୁର ପୌର ପରିଷଦର ବିଭିନ୍ନ କ୍ଷେତ୍ର ସ୍ତରିୟ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ସୁବର୍ଣ୍ଣପୁର ପୌର ପରିଷଦ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ ଆବଶ୍ୟକ ସଂଖ୍ୟକ ISO ମାନ୍ୟତା ପ୍ରାପ୍ତ ଶୌଚାଳୟ ନିର୍ମାଣ ପରେ ସୁବର୍ଣ୍ଣପୁର ପୌର ପରିଷଦ ODF+ ସହର ଭାବେ ଘୋଷଣା କରିଛି । ଆଗକୁ କୌଣସି ବ୍ୟକ୍ତି ବିଶେଷକୁ ଖୋଲାରେ ମଳ ତ୍ୟାଗ କରିବା ପାଇଁ ଦିଆଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବାର ଦେଖାଯାଏ ତେବେ ତାଙ୍କ ଠାରୁ ଟ.୧୦୦/- (ଏକ ଶହ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁ ଥିବା ମଳମୂତ୍ର କୁ ପରିଷଦର ଡ୍ରେନ କିମ୍ବା ଖୋଲା ସ୍ଥାନରେ ଛାଡନ୍ତି ତେବେ ତାଙ୍କ ଠାରୁ ଟ.୫୦୦/- (ପାଂଚ ଶହ ଟଙ୍କା) ଜରିମାନା ଆଦାୟ କରାଯିବ । ସରକାରଙ୍କର ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କ ଠାରେ ଲିଖିତ ଭାବେ ଜଣାଇ ପାରିବେ ।

ନିର୍ବାହୀ ଅଧିକାରୀ 06/07/2021
ସୁବର୍ଣ୍ଣପୁର ପୌର ପରିଷଦ

ପତ୍ରାଙ୍କ ୨୮୨୨ ତାରିଖ ୦୫.୦୭.୨୦୨୧

ଏହାର ଏକକିତା ଅବିକଲ ନକଲ ପ୍ରମୁଖ ନିର୍ଦ୍ଦେଶକଙ୍କ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ସରକାର ଙ୍କୁ ସମ୍ବାଦ.... (ସମ୍ବଲପୁର ପ୍ରକାଶନ)/ ପ୍ରମେୟ/ପ୍ରତିବାଦି... (ସମ୍ବଲପୁର ପ୍ରକାଶନ) ସମ୍ବାଦପତ୍ରରେ ଆସନ୍ତା କାଲି ଗୋଟିଏ ଦିନ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ 06/07/21
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ୨୮୨୩ ତାରିଖ ୦୫.୦୭.୨୦୨୧

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ 06/07/21
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ୨୮୨୪ ତାରିଖ ୦୫.୦୭.୨୦୨୧

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ 06/07/21
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ୨୮୨୫ ତାରିଖ ୦୫.୦୭.୨୦୨୧

ଏହାର ଏକକିତା ଅବିକଲ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ 06/07/21
ସୁବର୍ଣ୍ଣପୁର ପୌର ପରିଷଦ